# ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, ବଲାଙ୍ଗିର ।

## ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲା ପ୍ରାଣୀଚିକିତ୍ସା ଅଧିକାରୀ, ବଲାଙ୍ଗିରଙ୍କ ଅଧିନରେ ୨୮ ଗୋଟି ଆଟେଣ୍ଡାଣ୍ଟ (ପରିଚାରକ)ପଦବୀ ଚୁକ୍ତିଭିତ୍ତିକ ପଦ୍ଧତିରେ ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତି ଗ୍ରହଣ କରିଛନ୍ତି । ତଦନୁଯାୟୀ, ଜିଲ୍ଲାସ୍ତରୀୟ ଜାତିଗତ ସଂରକ୍ଷଣ ଭିତ୍ତିକ ପଦବୀ ପୂରଣ ପାଇଁ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

| କ୍ର.ସଂ | ବର୍ଗ | ମୋଟ ପଦବୀ | ମହିଳା |
|---|---|---|---|
| ୧ | SC | ୦୪ | ୦୧ |
| ୨ | ST | ୦୬ | ୦୨ |
| ୩ | Unreserved | ୧୮ | ୦୬ |
| | ମୋଟ | ୨୮ | ୦୯ |

**ବି;ଦ୍ର; ଭିନ୍ନକ୍ଷମ (PWD) ପ୍ରାର୍ଥୀ/ପ୍ରାର୍ଥିନୀ ଙ୍କ ପାଇଁ ମୋଟ ମଞ୍ଜୁରୀ ପଦବୀ ର ୪% (ପ୍ରତିଶତ) ସଂରକ୍ଷଣ ବ୍ୟବସ୍ଥା କରାଯାଇଛି ।**

ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀ/**ପ୍ରାର୍ଥିନୀ**, ସଂପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କୁ (Chief District Veterinary Officer )ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଓ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆବେଦନ କରିବେ । ଚୁକ୍ତିଭିତ୍ତିକ ନିଯୁକ୍ତି ସମ୍ବନ୍ଧରେ ଆବଶ୍ୟକୀୟ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

### *ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା-*

୧. ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ମଧ୍ୟ ଇଂରାଜୀ ପରୀକ୍ଷା କିମ୍ବା ତତୁଲ୍ୟ ଶିକ୍ଷାଗତ ଯୋଗ୍ୟତା ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ।

୨. ଏହା ସହିତ (NPCBB ) ଯୋଜନା ମାଧ୍ୟମରେ କୃତ୍ରିମ ପ୍ରଜନନ ପ୍ରୟୋଗ କାର୍ଯ୍ୟ କ୍ଷେତ୍ରରେ କ୍ରମାଗତ ତିନି ବର୍ଷ ସନ୍ତୋଷଜନକ କାର୍ଯ୍ୟ କୁଶଳତାର ଅନୁଭୂତି ଥିବା ଗୋମିତ୍ର ପ୍ରାର୍ଥୀ/**ପ୍ରାର୍ଥିନୀ** ମାନଙ୍କ ଦ୍ୱାରା ପୂରଣ କରାଯିବ ।

୩. ପ୍ରାର୍ଥୀ/**ପ୍ରାର୍ଥିନୀ** ଓଡିଆ ଭାଷାରେ ପଢିବା ଓ ଲେଖିବାରେ ସମର୍ଥ ଥିବେ ।

୪. ପ୍ରାର୍ଥୀ/**ପ୍ରାର୍ଥିନୀ** ଉତ୍ତମ ଚରିତ୍ରର ହୋଇଥିବେ ।

**ବୟସ ସୀମା;-** ସାଧାରଣ ପ୍ରାର୍ଥୀ/**ପ୍ରାର୍ଥିନୀ** ଙ୍କ ବୟସ ସୀମା ୧୮ ବର୍ଷରୁ ୩୨ ବର୍ଷ (୦୧.୦୧.୨୦୧୮ ସୁଦ୍ଧା) ହୋଇଥିବା ଆବଶ୍ୟକ । ତଫସିଲ୍‌ଭୁକ୍ତ ଜାତି/ତଫସିଲ୍‌ଭୁକ୍ତ ଜନଜାତି ପ୍ରାର୍ଥୀ/**ପ୍ରାର୍ଥିନୀ**ଙ୍କ କ୍ଷେତ୍ରରେ ସର୍ବୋଚ୍ଚ ବୟସ ସୀମା ଅଧିକ ୫ (ବର୍ଷ) କୋହଳ କରାଯିବ । ଗୋମିତ୍ର ପ୍ରାର୍ଥୀ/**ପ୍ରାର୍ଥିନୀ** ଙ୍କ କ୍ଷେତ୍ରରେ ବୟସ ୦୧.୦୧.୨୦୧୮ ସୁଦ୍ଧା ୪୫ ବର୍ଷରୁ ଅଧିକ ହୋଇନଥିବ ।

**ଶାରୀରିକ ଦକ୍ଷତା-**

୧) ପ୍ରାର୍ଥୀ/**ପ୍ରାର୍ଥିନୀ**ଙ୍କର କ୍ଷେତ୍ରରେ ସେମାନେ ଉତ୍ତମ ସ୍ୱାସ୍ଥ୍ୟ (Sound Health, Good Physique ) ଚଳ, ଚଞ୍ଚଳ ଅଭ୍ୟାସ (Active Habits ), ସର୍ବନିମ୍ନ ଉଚ୍ଚତା ୫ (ପାଞ୍ଚ)ଫୁଟ ସଙ୍ଗେ ସଙ୍ଗେ ସେମାନଙ୍କର କୌଣସି ଶାରୀରିକ ତ୍ରୁଟି (Physical Defect) କିମ୍ବା ମାନସିକ ଅକ୍ଷମତା (Mental Infirmity) ନ ଥିବା ଆବଶ୍ୟକ । ଏବଂ କେବଳ ପୁରୁଷ ପ୍ରାର୍ଥୀ ମାନଙ୍କ କ୍ଷେତ୍ରରେ ସର୍ବନିମ୍ନ ଛାତି ଅଣସଂପ୍ରସାରିତ ୩୦ (ତିରିଶ) ଇଞ୍ଚ୍ ରହିବା ଆବଶ୍ୟକ ।

୨. ପ୍ରାର୍ଥୀ /**ପ୍ରାର୍ଥିନୀ** ମଧ୍ୟ ଭଲଭାବରେ ସାଇକେଲ ଚଲାଇବା ଜାଣିଥିବେ ।

**ସାଧାରଣ ଯୋଗ୍ୟତା-**

୧. ପ୍ରାର୍ଥୀ/**ପ୍ରାର୍ଥିନୀ** ଭାରତର ନାଗରିକ ହୋଇଥିବେ ।

୨. ବିବାହିତ ପ୍ରାର୍ଥୀ/**ପ୍ରାର୍ଥିନୀ**ଙ୍କର ଗୋଟିଏ ସ୍ତ୍ରୀ /ସ୍ୱାମୀ ରୁ ଅଧିକ ନ ଥିବେ ।

୩. ଓଡିଶା ସରକାରଙ୍କ ସ୍ଥାନ ସଂରକ୍ଷଣ ନୀତିକୁ ଅନୁସରଣ କରାଯିବ ।ପ୍ରାର୍ଥୀ/**ପ୍ରାର୍ଥିନୀ** ସେମାନଙ୍କର ନାମ ଆବେଦନ କରୁଥିବା ଜିଲ୍ଲାର କର୍ମନିଯୋଜନ ସଂସ୍ଥାରେ ପଞ୍ଜୀକୃତ କରିଥିବେ ଓ ସେହି ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବେ ।

**ଚୟନ ପ୍ରକ୍ରିୟା-**

ଜିଲ୍ଲା ଚୟନ କମିଟି ଦ୍ୱାରା ନିମ୍ନଲିଖିତ ଉପାୟରେ ଆଟେଣ୍ଡାଣ୍ଟ ପଦ ପାଇଁ ସିଧା ସଳଖ ଚୟନ କରାଯିବ ।

୧. (NPCBB) ଯୋଜନା ମାଧ୍ୟମରେ କୃତ୍ରିମ ପ୍ରଜନନ ପ୍ରୟୋଗ କାର୍ଯ୍ୟ କ୍ଷେତ୍ରରେ କ୍ରମାଗତ ତିନି ବର୍ଷ ସନ୍ତୋଷଜନକ କାର୍ଯ୍ୟ କୁଶଳତାର ଅନୁଭୂତି ଥିବା ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀ ମାନଙ୍କୁ ପ୍ରତିବର୍ଷ ୧୦ ମାର୍କ ହିସାବରେ ୩୦ ମାର୍କ ଦିଆଯିବ । ଏହା ବ୍ୟତୀତ ତିନିବର୍ଷରୁ ଉର୍ଦ୍ଧ ପ୍ରତ୍ୟେକ ବର୍ଷ ସନ୍ତୋଷ ଜନକ କାର୍ଯ୍ୟ ଉପରେ ୫ ମାର୍କ ଲେଖାଏଁ ସର୍ବୋଚ୍ଚ ୫୦ ମାର୍କ ଦିଆଯିବ ।

୨. ଅବଶିଷ୍ଟ ୫୦ ମାର୍କର ଲିଖିତ ପରୀକ୍ଷା ଦ୍ୱାରା ପ୍ରାର୍ଥୀ/**ପ୍ରାର୍ଥିନୀ**ଙ୍କ ଓଡିଆ ଭାଷାରେ ପଢିବା ଓ ଲେଖିବାରେ ସାମର୍ଥ୍ୟ ପରୀକ୍ଷା କରାଯିବ ।

୩. ଯଦି ଉପରୋକ୍ତ ପଦବୀ ନିମନ୍ତେ କୌଣସି ଗୋଟିଏ ବର୍ଗର ଉପଯୁକ୍ତ ପ୍ରାର୍ଥୀ/ପ୍ରାର୍ଥିନୀ ନମିଳନ୍ତି, ତା ହେଲେ ସେହି ପଦବୀ ଉକ୍ତ ବର୍ଗର ପ୍ରାର୍ଥିନୀ/ପ୍ରାର୍ଥୀ ମାନଙ୍କ ଦ୍ୱାରା ପୂରଣ କରାଯିବ ।

ନିମ୍ନ ନିର୍ଦ୍ଧାରିତ ଫର୍ମ ଅନୁଯାୟୀ ଆବେଦନ ପତ୍ର ଏବଂ ଆବଶ୍ୟକୀୟ ପ୍ରମାଣ ପତ୍ରର ଅବିକଳ ନକଲ (Copy ) ସହ ସଂପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ ( Chief District Veterinary Officer) କାର୍ଯ୍ୟାଳୟରେ ଡାକ ଦ୍ୱାରା ଦାଖଲ କରିପାରିବେ କିମ୍ବା ବ୍ୟକ୍ତିଗତ ଭାବେ ମଧ୍ୟ ଦାଖଲ କରିପାରିବେ । ଦରଖାସ୍ତ ପଠାଇବା ଲଫାପା ଉପରେ **ଆଟେଣ୍ଡାଣ୍ଟ (ପରିଚାରକ)ପଦ ପାଇଁ ଦରଖାସ୍ତ** ଉଲ୍ଲେଖ କରିବା ଆବଶ୍ୟକ ।

ପ୍ରକାଶ ଥାଉକି, ଯେକୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ସଂରକ୍ଷିତ ରହିଅଛି ।

# ଦରଖାସ୍ତ ଫର୍ମ

(ଦରଖାସ୍ତ କେବଳ ଆବେଦନକାରୀଙ୍କ ଦ୍ୱାରା ପୂରଣ ହେବ)

ଫଟୋ

୧. ପ୍ରାର୍ଥୀ/ପ୍ରାର୍ଥିନୀ ଙ୍କ ନାମ-

୨. ପିତା/ସ୍ୱାମୀଙ୍କ ନାମ-

୩. ସ୍ଥାୟୀ ଠିକଣା-

୪. ଯୋଗା ଯୋଗ ଠିକଣା (ମୋବାଇଲ ନମ୍ବର ସହିତ)-

୫. ଜାତୀୟତା-

୬. ଜନ୍ମ ତାରିଖ-

୭. ଶିକ୍ଷାଗତ ଯୋଗ୍ୟତା-

୮. ଉଚ୍ଚତା- ଛାତି ଅଣସଂପ୍ରସାରିତ-

୯. ଜାତି (SC/ST/GEN)

୧୦. ବିବାହିତ/ଅବିବାହିତ-

୧୧. ପୁରୁଷ/ମହିଳା

୧୨. କର୍ମ ନିୟୋଜନ ସଂସ୍ଥାରେ ପଞ୍ଜିକୃତ କାର୍ଡର କ୍ରମିକ ନଂ ଓ ତାରିଖ-

ମୁଁ ଏତଦ୍ୱାରା ଘୋଷଣା କରୁଅଛି ଯେ, ମୋ ଦ୍ୱାରା ଦିଆଯାଇଥିବା ଉପର ଲିଖିତ ସମସ୍ତ ତଥ୍ୟ ସତ୍ୟ ଓ ନିର୍ଭୁଲ ଅଟେ ।

ତାରିଖ.;- ଆବେଦନକାରୀଙ୍କ ସ୍ୱାକ୍ଷର

ସ୍ଥାନ ;-

ଆବେଦନ ପତ୍ର ସହ ଦାଖଲ କରିବାକୁଥିବା ପ୍ରମାଣ ପତ୍ର ;-

୧. ନିଜ ସହିମୋହର (Self attested)ହୋଇଥିବା ଦୁଇଗୋଟି ପାସପୋର୍ଟ ସାଇଜ ଫଟୋଗ୍ରାଫ । ତନ୍ମଧ୍ୟରୁ ଗୋଟିଏ ଫଟୋଗ୍ରାଫ ଦରଖାସ୍ତ ଫର୍ମ ଉପରେ ଦିଆଯାଇଥିବା ନିର୍ଦ୍ଧିଷ୍ଟ ସ୍ଥାନରେ ଅଠାଦେଇ ସଂଲଗ୍ନ କରାଯିବା ଆବଶ୍ୟକ । ଅନ୍ୟଟି ଦରଖାସ୍ତ ସହିତ ସଂଯୋଗ କରିବାକୁ ହେବ ।

୨. ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ରର ନିଜ ସହିମୋହର (Self attested)ନକଲ ।

୩. ଶିକ୍ଷାନୁଷ୍ଠାନର ମୁଖ୍ୟଙ୍କ ଠାରୁ ଚରିତ୍ର ପ୍ରମାଣ ପତ୍ରର ନିଜ ସହିମୋହର (Self attested)ନକଲ ।

୪. ସ୍ଥାନୀୟ ତହସିଲଦାରଙ୍କ ଠାରୁ ଉପଯୁକ୍ତ ଜାତି ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ରର ନିଜ ସହିମୋହର (Self attested)ନକଲ ।

୫. କର୍ମନିଯୋଜନ ସଂସ୍ଥାରେ ପଞ୍ଜୀକୃତ କାର୍ଡ ର ନିଜ ସହିମୋହର (Self attested)ନକଲ ।

୬. ଜାତିଗତ ପ୍ରମାଣ ପତ୍ରର (SC/ST) ନିଜ ସହିମୋହର (Self attested) ନକଲ ।

୭. ଦୁଇଗୋଟି ଚରିତ୍ର ପ୍ରମାଣ ପତ୍ର ଭିନ୍ନ ଭିନ୍ନ ଗେଜେଟେଡ୍ ଅଫିସରଙ୍କ ଠାରୁ ଯେ କି ପ୍ରାର୍ଥୀ/**ପ୍ରାର୍ଥିନୀ** ଙ୍କ ସଂପର୍କୀୟ ହୋଇନଥିବେ ।

୮. ଯୋଗ୍ୟତା ଥିବା ଗୋମିତ୍ର ପ୍ରାର୍ଥୀ/**ପ୍ରାର୍ଥିନୀ** ଙ୍କ ସ୍ଥଳେ ସଂପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ ଠାରୁ କୃତ୍ରିମ ପ୍ରଜନନ ପ୍ରୟୋଗ କାର୍ଯ୍ୟ କ୍ଷେତ୍ରରେ ତିନି ବର୍ଷର ସନ୍ତୋଷଜନକ କାର୍ଯ୍ୟ କୁଶଳତାର ଅନୁଭୂତି ପ୍ରମାଣ ପତ୍ରର କପି ।

**<u>ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ ;</u>** ୦୪ . ୦୯ . ୨୦୧୫

**ନିର୍ଦ୍ଧାରିତ ଶେଷ ତାରିଖର ଅପରାହ୍ନ ୫ ଘଟିକା ସମୟ ସୁଦ୍ଧା ଦରଖାସ୍ତ ସଂପୃକ୍ତ କାର୍ଯ୍ୟାଳୟରେ ନପହଞ୍ଚିଲେ ତାହା ଗ୍ରହଣ କରାଯିବ ନାହିଁ ।** ପ୍ରାର୍ଥୀ/ପ୍ରାର୍ଥିନୀ ଡାକ ଦ୍ୱାରା ପଠାଇଥିବା **ଦରଖାସ୍ତ ବିଳମ୍ବରେ ପହଞ୍ଚିଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଅସଂପୂର୍ଣ୍ଣ ଦରଖାସ୍ତ** / ଆବଶ୍ୟକୀୟ ପ୍ରମାଣ ପତ୍ର ନ ଥାଇ ଦାଖଲ ହୋଇଥିବା ଦରଖାସ୍ତ ଗୁଡିକ ନାକଚ ହୋଇଯିବ ।

**ସ୍ୱାକ୍ଷର/-**

**ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, ବଲାଙ୍ଗିର**